# ଶ୍ରୀକ୍ଷେତ୍ର ସିଟି

୨୬/୧୨/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୭୨,୫୨୧/- | ସୁନା: ୦୦.୧୮୦ ଗ୍ରାମ୍ | ରୁପା: ୧୪.୬୦୦ ଗ୍ରାମ୍



ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ

# ନବୀନଙ୍କ ନେତୃତ୍ୱରେ ଓଡ଼ିଶା ଅଭାବୀରୁ ପ୍ରଭାବୀ ହୋଇଛି





ପୁରୀ, ୨୬।୧୨ (ସମିସ): ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳକୁ ତୃଣମୂଳସ୍ତରରେ ଆହୁରି ସଂଗଠିତ ଓ ସଶକ୍ତ କରିବା ସହ ବିଜେଡିକୁ ପୁଣି ରାଜ୍ୟରେ କ୍ଷମତାସୀନ କରିବାକୁ କର୍ମୀଙ୍କୁ ଗୁରୁ ମନ୍ତ୍ର ଦିଆଯାଇଛି। ବିଜେପିର ୨୦ ଜଣ ସାଂସଦ ନିର୍ବାଚିତ ହୋଇଯାଇଥିଲେ ହେଁ ରାଜ୍ୟର ବିକାଶ ପାଇଁ ୧୮ ମାସ ମଧ୍ୟରେ କୌଣସି ଉଦ୍ୟମ କରିନାହାନ୍ତି। ନବୀନ ପଟ୍ଟନାୟକ ନେତୃତ୍ୱରେ ୨୫ ବର୍ଷର ଶାସନ ମଧ୍ୟରେ ଓଡ଼ିଶା ରାଜ୍ୟ ଅଭାବୀରୁ ଏକ ପ୍ରଭାବୀ ରାଜ୍ୟର ପରିଚୟ ପାଇପାରିଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ, ଓଡ଼ିଶାର ପ୍ରଗତି ଓ ବିକାଶକୁ ନେଇ ବିଜେଡି ଅଧିକ କ୍ରିୟାଶୀଳ ହେବ ବୋଲି କୁହାଯାଇଥିଲା।

> ବିଜେଡି ପ୍ରତି ଆସ୍ଥା, ବିଶ୍ୱାସ ଓ ଭଲପାଇବା ଅତୁଟ ରହିଛି

ସାଂସଦ ଶ୍ରୀ ଖୁଣ୍ଟିଆ କହିଥିଲେ, ରାଜ୍ୟର ବିଜେପି ସରକାର ବର୍ତ୍ତମାନ ଲୋକମାନଙ୍କର ହିତ ପାଇଁ କାମ କରୁନାହାନ୍ତି। କେବଳ ରଙ୍ଗ ଏବଂ ନାଁ ପରିବର୍ତ୍ତନ କରିବାରେ ଲାଗିଛନ୍ତି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦୀର୍ଘବର୍ଷ ଧରି ବିଜେଡି ସରକାର ଓଡ଼ିଶାବାସୀଙ୍କ ପାଇଁ ଯେଉଁସବୁ ଜନହିତକାର କାମ ଏବଂ ଯୋଜନା କରିଆସିଛି ଜୀବନ ବିତିଗଲେ ସୁଦ୍ଧା ବିଜେପି ସରକାର ସେ କାମ କରିପାରିବ ନାହିଁ। ଦାରିଦ୍ର୍ୟ ବିରୋଧରେ ସଂଗ୍ରାମ, ଅଭାବୀରୁ ପ୍ରଭାବୀ ଓଡ଼ିଶାର ସଂଗ୍ରାମ, ଆର୍ଥିକସ୍ତରରେ ସଶକ୍ତ କରିବାର ସଂଗ୍ରାମରେ ବିଜେଡି ସଫଳତା ପାଇଛି। ଆଜି ବିରୋଧୀ ଦଳ ଭାବେ ସରକାରୀ ଅବିଚାର ବିରୋଧରେ ସଂଗ୍ରାମ, ମହାନଦୀ ପୋଲାଭରମ୍ ପାଇଁ ସଂଗ୍ରାମ, ଆଦିବାସୀ ସ୍ୱାର୍ଥ ପାଇଁ ସଂଗ୍ରାମ, ଚାଷୀ, ପଛୁଆବର୍ଗଙ୍କ ଅଧିକାର ପାଇଁ ସଂଗ୍ରାମ ଜାରି ରଖିଛି। ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ନାରୀ ନିର୍ଯାତନା ବିରୋଧରେ ବିଜେଡି ଆନ୍ଦୋଳନ କରୁଛି। ନିଜକୁ ଡବଲ ଇଞ୍ଜିନ ସରକାର କହୁଥିବା ବିଜେପି କେବଳ ଓଡ଼ିଶାବାସୀଙ୍କୁ ଡବଲ ଧୋକା ଦେଇଚାଲିଛନ୍ତି। ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା, ସିଦ୍ଧମହାବୀର ରେଲୱେ ଓଭରବ୍ରିଜ, ସ୍ୱଚ୍ଛ ବେଳାଭୂମି ସହ ଶ୍ରୀକ୍ଷେତ୍ର ବିକାଶ କ୍ଷେତ୍ରରେ ଲଢେଇ ଜାରି ରହିବ। ପୁଣିଥରେ ନବୀନ ପଟ୍ଟନାୟକଙ୍କ ହାତମୁଠାକୁର ଟାଣ କରି ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ଉଦ୍ୟମରତ ହେବା ବୋଲି ଆହ୍ୱାନ ଦେଇଛନ୍ତି ସାଂସଦ ଶ୍ରୀ ଖୁଣ୍ଟିଆ। ଅନ୍ୟପକ୍ଷରେ ସାଧାରଣ ଲୋକେ ବିଜେଡି ଓ ନବୀନ ପଟ୍ଟନାୟକଙ୍କ ଉପରେ ଆସ୍ଥା, ବିଶ୍ୱାସ ଓ ଭଲପାଇବା ଅତୁଟ ରଖିଛନ୍ତି। ଏବେ ବି ବିଜେଡି ଶକ୍ତିଶାଳୀ ଅଛି। ଯେଉଁମାନେ ଦଳ ଛାଡ଼ିଛନ୍ତି ସେମାନଙ୍କୁ ଭୋଟର ଠିକ୍ ସମୟରେ ଜବାବ ଦେବେ। ବିଜେପି କ୍ଷମତାକୁ ଆସିବା ପୂର୍ବରୁ ଅନେକ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ କ୍ଷମତାକୁ ଆସିବା ପରେ ତା'ର ପ୍ରତିଶ୍ରୁତି ଭୁଲିଯାଇଛି ବୋଲି ବିଜେଡି ନେତାମାନେ କହିଥିଲେ। ଏହି ଅବସରରେ ଦଳର ବରିଷ୍ଠ ନେତା ରବି ସାମନ୍ତରା, ବିଜୟ କୁମାର ମିଶ୍ର, ରବିଶଙ୍କର ପ୍ରତିହାରୀ, ତାତା ରାଓ, ରୋଜାଲିନ ନାୟକ, ଅରୁଣିମା ନନ୍ଦ, ବିଭୁତି ଭୂଷଣ ସେଠୀ,ଅନା ପୃଷ୍ଟି, ବାବାଜୀ ଫରାକ, ହୁଲିଆ ଜେନା, କୈଳାଶ ଭୋଇ, ଶୁଭେନ୍ଦୁ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

● ଜାନୁୟାରୀ ୪ରୁ ଶ୍ରୀକ୍ଷେତ୍ର ପୁସ୍ତକ ମେଳା

## ଏଥର ଭୋଳାନାଥ ବିଦ୍ୟାପୀଠରେ ପଡିବ ମେଳା

ପୁରୀ,୨୬।୧୨(ସମିସ): ଆସନ୍ତା ଜାନୁୟାରୀ ୪ରୁ ଆରମ୍ଭ ହେବ ୩୦ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା। ଏହାକୁ କିପରି ସରସ ସୁନ୍ଦର କରାଯାଇପାରିବ ସେ ନେଇ ଶୁକ୍ରବାର ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟିର ପ୍ରସ୍ତୁତି ବୈଠକ ସ୍ଥାନୀୟ ବଳଗଣ୍ଡି ଭକ୍ତ ସାଲବେଗ ସଭାଗୃହରେ ଅନୁଷ୍ଠାନର ସଭାପତି ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମେଳା କମିଟିର ପୂର୍ବତନ ସଭାପତି ତଥା ବରିଷ୍ଠ କବି ଶଙ୍କର୍ଷଣ ପରିଡ଼ାଙ୍କ ବିୟୋଗରେ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ପୁସ୍ତକ ମେଳା ବିଷୟରେ ଆଲେଚନା ହୋଇଥିଲା। ବୈଠକରେ ଗୀତାଞ୍ଜଳି ପଣ୍ଡା, ସର୍ବଶ୍ରୀ ରଘୁନାଥ ମହାପାତ୍ର, ପୁଷ୍କର ମହାପାତ୍ର, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବୀରେନ୍ଦ୍ର ମହାନ୍ତି, ଶ୍ରୀକାନ୍ତ ମହାନ୍ତି, ସୁକାନ୍ତ ପଣ୍ଡା, ଜଟାଧାରୀ ମିଶ୍ର, ଶ୍ୟାମ ପ୍ରକାଶ ସେନାପତି, ସ୍ୱାଧୀନ କୁମାର ପଣ୍ଡା, ରଘୁନାଥ ମିଶ୍ର, ଅନାମ ଚନ୍ଦ୍ର ସାହୁ, ବିପିନ ବିହାରୀ ଦଳାଇ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକକୁ ପରିଚାଳନା କରିଥିଲେ ସାଧାରଣ ସମ୍ପାଦକ ଚକ୍ରଧର ମହାପାତ୍ର। ଚଳିତବର୍ଷ ଶରଧାବାଲି ନିକଟ ଭୋଳାନାଥ ବିଦ୍ୟାପୀଠ ପରିସରରେ ୩୦ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଅନୁଷ୍ଠିତ ହେବ ବୋଲି ସରକାରୀ ଅନୁମତି ମିଳିବା ପରେ ସ୍ଥିର ହୋଇଥିଲା। ପୁସ୍ତକ ମେଳା ଆସନ୍ତା ଜାନୁୟାରୀ ୪ରୁ ୧୩ ତାରିଖ ଯାଏଁ ଅପରାହ୍ନ ୨ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ସୂଚନା ଦିଆଯାଇଥିଲା। ଶେଷରେ କାର୍ଯ୍ୟକାରୀ ସଭାପତି ଅନାମ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ଆଜି ରତ୍ନଭଣ୍ଡାର ତଦାରଖ କମିଟି ବୈଠକ

ପୁରୀ,୨୬।୧୨(ସମିସ): ଶ୍ରୀମନ୍ଦିର ରତ୍ନଭଣ୍ଡାର ତଦାରଖ କମିଟିର ବୈଠକ ଶନିବାର ଅନୁଷ୍ଠିତ ହେବ। ଅପରାହ୍ନରେ ନୀଳାଦ୍ରି ଭକ୍ତ ନିବାସ ପରିସରର କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ କମିଟିର ସଦସ୍ୟମାନେ ଯୋଗଦେବେ। ଏଥିରେ ରତ୍ନଭଣ୍ଡାରକୁ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯିବ। ବିଶେଷକରି ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତି ମଣତି ମୁଖ୍ୟ ପ୍ରସଙ୍ଗ ରହିବ। ଜାନୁଆରୀ ମାସରେ ଭିତର ରତ୍ନଭଣ୍ଡାରରେ ଥିବା ସମସ୍ତ ଅଳଙ୍କାରର ଗଣତି କାର୍ଯ୍ୟ ଆରମ୍ଭ ହୋଇପାରେ। ତେବେ ବୈଠକରେ ଗଣତି ପ୍ରକ୍ରିୟା ପାଇଁ ଏସ୍‌ଓପି ଚୂଡ଼ାନ୍ତ କରାଯିବା ସହ କେଉଁମାନେ ଏହି କାର୍ଯ୍ୟରେ ସାମିଲ ହେବେ ସେ ନେଇ ନିଷ୍ପତ୍ତି ନିଆଯିବ। ଭିତର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ସରିଛି ଏବଂ ସମସ୍ତ ରତ୍ନ ଅଳଙ୍କାରକୁ ପୁଣିଥରେ ସୁରକ୍ଷିତ ଭାବେ ରତ୍ନଭଣ୍ଡାର ମଧ୍ୟରେ ରଖାଯାଇଛି। ଅଳଙ୍କାରର ଗୁଣବତ୍ତା ପରୀକ୍ଷା ପାଇଁ ରିଜର୍ଭ ବ୍ୟାଙ୍କର ସହାୟତା ଲୋଡ଼ାଯାଇଛି। ଏହି କାର୍ଯ୍ୟରେ ଦୁଇଜଣ ବିଶେଷଜ୍ଞ ମଧ୍ୟ ସାମିଲ ହେବେ। ତେବେ ଶେଷଥର ଗଣତି ମଣତି ପାଇଁ ୭୨ ଦିନ ସମୟ ଲାଗିଥିଲା। ୧୯୨୬ ମସିହାର ରେକର୍ଡ ଏବଂ ୧୯୭୮ ମସିହାରେ ହୋଇଥିବା ଗଣତି ତାଲିକାକୁ ଆଧାର କରି ବର୍ତ୍ତମାନର ଅଳଙ୍କାର ସହ ମେଳ କରାଯିବ ବୋଲି ଜଣାପଡିଛି।

## ଛାତ୍ରଛାତ୍ରୀ ସମାଜରେ ପରିବର୍ତ୍ତନ ଆଣିପାରିବେ



ପୁରୀ,୨୬।୧୨(ସମିସ): ଚନ୍ଦନପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଊନବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରି.ଳନା କମିଟି ସଭାପତି ସନାତନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ମୁଖ୍ୟବକ୍ତା ଭାବେ ପୁରୀ ସଙ୍କୁଳ ପ୍ରମୁଖ କୃଷ୍ଣଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ପରି.ଳନା କମିଟି ସମ୍ପାଦକ ଦୀନବନ୍ଧୁ ସାମନ୍ତରା ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅଭିମତ ରଖିଥିଲେ। ସଭା ପ୍ରାରମ୍ଭରେ ବିଦ୍ୟାମନ୍ଦିରର ପ୍ରଧାନା.ର୍ଯ୍ୟ ବିଜୟ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିବରଣୀ ପାଠ କରିଥିଲେ ଆ.ର୍ଯ୍ୟା ପୁଷ୍ପଲତା ଶତପଥୀ। ଅନନ୍ୟା ଅନୁରାଧା ସାହୁଙ୍କୁ ସର୍ବୋତ୍ତମ ଛାତ୍ରୀ ଭାବେ ରାଧାମଣୀ ବେଓ୍ୱା ସ୍ମୃତି ସିଲ୍‌ଡ, ଲିପ୍‌ସା ମିଶ୍ରଙ୍କୁ ୧୭ ବର୍ଷରୁ କମ୍ ବାଳିକା ବିଭାଗର ସର୍ବୋତମ ଖେଳାଳୀ ଭାବେ ଜହ୍ନ ଦିବ୍ୟା ମେମୋରିଆଲ ସିଲ୍‌ଡ ଓ ଅକ୍ଲେଶ ମହାରଣାଙ୍କୁ ୧୭ ବର୍ଷରୁ କମ୍ ବାଳକ ବିଭାଗର ସର୍ବୋତ୍ତମ ଖେଳାଳି ଭାବେ ନିରଞ୍ଜନ ସାମନ୍ତରା ମେମୋରିଆଲ ସିଲ୍‌ଡ ପ୍ରଦାନ କରାଯାଇଥିଲା। ବିଦ୍ୟାମନ୍ଦିରର ଗୁରୁଜୀ ଲକ୍ଷ୍ମୀଧର ଦାସ ଓ ସନ୍ତୋଷ କୁମାର ଦାସ, ଗୁରୁମା ସୁଜାତା ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଧନ୍ୟବାଦ ଅର୍ପଣ ପରେ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାମନ୍ଦିରର ପରି.ଳନା ସମିତିର ଯୁଗ୍ମ ସମ୍ପାଦକ ସରୋଜ ପଣ୍ଡା, ଉପସଭାପତି ପ୍ରକାଶଚନ୍ଦ୍ର ପରିଡ଼ା, କୋଷାଧ୍ୟକ୍ଷ ଭରତ ସେନାପତି, ସଦସ୍ୟା ରଶ୍ମିତା ସାବୁତ ଓ ରଶ୍ମିତା ମଲ୍ଲିକ୍ ପରି.ଳନା କରିଥିବାବେଳେ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ ଏହା ସଫଳ ରୂପାୟନ ହୋଇଥିଲା।

## ଜାନୁୟାରୀ ୩ରେ ବିଂଶତମ ମହୋଦଧି ଆଳତି




ପୁରୀ,୨୬।୧୨(ସମିସ): ଆସନ୍ତା ୩ ତାରିଖ ପୌଷ ପୂର୍ଣ୍ଣିମାରେ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ଅନୁଷ୍ଠିତ ହେବ ବିଂଶତମ ତୀର୍ଥରାଜ ମହୋଦଧି ନିତ୍ୟ ସନ୍ଧ୍ୟା ଆଳତୀ। ଗୋବର୍ଦ୍ଧନ ମଠ ପକ୍ଷରୁ ପରିଚାଳିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ, ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସମେତ ଭାରତର ବିଭିନ୍ନ କୋଣ ଅନୁକୋଣରୁ ବହୁ ସାଧୁସନ୍ଥ, ମହନ୍ତ ଏବଂ ମଠର ମୁଖ୍ୟ ଯୋଗଦେବେ। ସେମାନଙ୍କ ଦିବ୍ୟ ଉପସ୍ଥିତିରେ ଏହା ପାଳନ କରାଯିବ। ସେହିପରି ନେତା, ମନ୍ତ୍ରୀଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଶୁକ୍ରବାର ମଠ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ଭୋଗବର୍ଦ୍ଧନ ଗୋବର୍ଦ୍ଧନ ମଠର ପୀଠାଧୀଶ୍ୱର ୧୪୫ତମ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଆଜକୁ ପ୍ରାୟ ୨୦ ବର୍ଷ ପୂର୍ବେ ସାଗର ତଟ ବେଳାଭୂମିର ସୁରକ୍ଷା, ସାଗର ତଟ ସୁରାସୁନ୍ଦରୀଙ୍କ କେନ୍ଦ୍ର ନ ହୋଇ ଏକ ଆଧ୍ୟାତ୍ମିକ ବାତାବରଣରେ ପରିଣତ ହେଉ ଏହି ଭାବନା ରଖି ପବିତ୍ର ପୌଷ ପୂର୍ଣ୍ଣିମା ତିଥିରେ ତୀର୍ଥରାଜ ମହୋଦଧି ସମୁଦ୍ର ଭଗବାନଙ୍କ ନିତ୍ୟ ସନ୍ଧ୍ୟା ଆରତୀ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଚଳିତବର୍ଷ ଏହି କାର୍ଯ୍ୟକ୍ରମର ବିଂଶତମ ଉତ୍ସବ ମହାଆଡମ୍ବରରେ ପାଳନ ହେବାକୁ ଯାଉଛି। ସମସ୍ତ ଜୀବଜଗତ ତଥା ପ୍ରାଣୀଙ୍କ କଲ୍ୟାଣ ପାଇଁ ଏହି ନିତ୍ୟ ସନ୍ଧ୍ୟା ଆରତ ଆରମ୍ଭ କରିଛନ୍ତି। ସ୍ୱାମୀ ନିର୍ବିକଳ୍ପାନନ୍ଦ ସରସ୍ୱତୀ ମହାରାଜଙ୍କ ମାର୍ଗଦର୍ଶନରେ ମହୋଦଧି ଆରତୀ ସମିତିର ଅଧ୍ୟକ୍ଷ ପ୍ରଶାନ୍ତ ଆଚାର୍ଯ୍ୟ, ସମ୍ପାଦକ ପ୍ରକାଶ ଶତପଥୀ, ଆଦିତ୍ୟ ବାହିନୀ ଓଡିଶା ପ୍ରାନ୍ତର ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ଉପାଧ୍ୟକ୍ଷ ରଘୁନାଥ ମହନ୍ତ, ସାଧାରଣ ସମ୍ପାଦକ ସତ୍ୟଜିତ ବେଜ, ପ୍ରଚାର ପ୍ରମୁଖ ଅରୁଣ ମହାନ୍ତି ଏବଂ ଆରତୀ ସମିତିର ସଦସ୍ୟ ଗଣେଶ୍ୱର ମହାସୁଆର, ପୂର୍ଣ୍ଣ ଚନ୍ଦ୍ର ଖୁଣ୍ଟିଆ, ଦେବାଶିଷ ମିଶ୍ର, ରାମଚନ୍ଦ୍ର ଦଳାଇ, ତନ୍ମୟ ଚାଟାର୍ଜୀ, ବିଶ୍ୱଶାନ୍ତି ତ୍ରିପାଠୀ, ଚିନ୍ମୟୀ ଦେଓ ପ୍ରମୁଖଙ୍କ ସଂଯୋଜନାରେ ଏଇ କାର୍ଯ୍ୟକ୍ରମ ଏଥର ପରିଚାଳନା କରାଯାଉଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା।

## ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର ବୈଠକ

ପୁରୀ,୨୬।୧୨(ସମିସ): ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ପୁରୀ ଜିଲ୍ଲା କମିଟିର କାର୍ଯ୍ୟକାରିଣୀ ବୈଠକ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ପୁରୀ କମିଟିର ଉପସଭାପତି ସ୍ୱର୍ଗତା କଳ୍ପନା ଦାଶ, ସଭ୍ୟ ସ୍ୱର୍ଗତ ସୁରଥ ଦଳାଇ, ରତ୍ନାକର ସ୍ୱାଇଁଙ୍କ ବିୟୋଗରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ପ୍ରାର୍ଥନା ସଭାରେ ସଭାପତି ଶ୍ରୀ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ଦାଶ, ସାଙ୍ଗଠନିକ ସମ୍ପାଦିକା ମନ୍ଦାକିନୀ ଆଚାର୍ଯ୍ୟ, ଉପସଭାପତି ଉପେନ୍ଦ୍ର ସାହୁ, ଉପଦେଷ୍ଟା ରାମଚନ୍ଦ୍ର ମିଶ୍ର, ଶ୍ୟାମସୁନ୍ଦର ମୁଦୁଲି, ଦାଶରଥି ଆଚାର୍ଯ୍ୟ, ସତ୍ୟପ୍ରିୟ ସାମନ୍ତରାୟ, ପଦ୍ମନାଭ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ କମିଟିର ନିଷ୍ପତ୍ତି କ୍ରମେ ଆସନ୍ତା ଜାନୁୟାରୀ ୮ରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ଦେବା ପାଇଁ ନିଷ୍ପତି ଗ୍ରହଣ କରାଗଯାଇଥିଲା। ଏତଦ୍‌ବ୍ୟତୀତ ସତ୍ୟପ୍ରିୟ ସାମନ୍ତରାୟଙ୍କୁ ପୁରୀ ଜିଲ୍ଲା କମିଟିର ଉପସଭାପତି ଭାବେ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଜୋର୍‌ଦାର କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

■ ପ୍ରଗତିଶୀଳ ପାଠଚକ୍ର ମାସିକ ଆଲୋଚନା

## 'ପ୍ରତିବାଦ ହିଁ ଗଣତନ୍ତ୍ରର ହୃତ୍‌ପିଣ୍ଡ'

ପୁରୀ,୨୬।୧୨(ସମିସ): ଜମି ଅଧିକାର ସମ୍ପର୍କରେ ଏକ ବିଶେଷ ଆଲୋଚନା ସଭା ସ୍ଥାନୀୟ କୁଳମଣି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଦେବୀ ପ୍ରସନ୍ନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତାମିଲନାଡୁର ବିଶିଷ୍ଟ ସାମାଜିକ କର୍ମୀ ତଥା ପରିବେଶବିତ୍ ରାହୁଲ ଶ୍ରୀଧରଣ ନିଜ ବକ୍ତବ୍ୟରେ କହିଲେ ଯେ, ସାମ୍ପ୍ରତିକ ଜମି ଅଧିଗ୍ରହଣ ସମସ୍ୟା ଏକ ସର୍ବଭାରତୀୟ ସମସ୍ୟା ରୂପେ ଉଭା ହୋଇଛି। ବିକାଶ ନାମରେ ସରକାରଙ୍କ ବିନାଶ ନୀତି ଯୋଗୁଁ ସବୁ ଜାଗାରେ ପ୍ରତିବାଦର ସ୍ୱର ଶାଣିତ ହେଉଛି। ନାରୀ ନେତ୍ରୀ ମାୟା ସେଶଗ୍ରୀ ଓ ଯୁବନେତା ଅମ୍ରିତ କାଶ୍ୟପ ନିଜ ନିଜ ବକ୍ତବ୍ୟରେ କହିଲେ ଯେ, ପ୍ରତିବାଦ ହିଁ ଗଣତନ୍ତ୍ରର ହୃତପିଣ୍ଡ। ଓଡ଼ିଶା ଭଳି ଏକ ଗରୀବ ରାଜ୍ୟରେ ଦେଶରେ ସବୁ ଠାରୁ ବଡ଼ ବଡ଼ ଜନ ଆନ୍ଦୋଳନ ସଂଗଠିତ ହେବା ଅତି ଖୁସି ଖବର। ଏହି କାର୍ଯ୍ୟକ୍ରମରେ ପାଠଚକ୍ରର ସମ୍ପାଦକ ସୁରେନ୍ଦ୍ର ତପସୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଦେବଦତ୍ତ ବିଶ୍ୱରଞ୍ଜନ, ଶ୍ରୀମନ୍ତ୍ ମହାନ୍ତି, ଜିତେନ୍ଦ୍ର ସାହୁ, ସତ୍ୟ ନାରାୟନ ମିଶ୍ର, ହରିହର ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ବିଶିଷ୍ଟ ସାମାଜିକ କର୍ମୀ ନରେନ୍ଦ୍ର ମହାନ୍ତି ଓଡ଼ିଶାର ବିଭିନ୍ନ ଜନ ଆନ୍ଦୋଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ଅମୀୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦର୍ଶ ପ୍ରଧାନଶିକ୍ଷୟିତ୍ରୀଙ୍କ ସ୍ମୃତିସଭା

ପୁରୀ, ୨୬।୧୨ (ସମିସ): ଦିବଂଗତା ଅନ୍ନଦା ପ୍ରିୟା ଦାସଙ୍କ ଏକାଦଶାହରେ ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତ ଶିକ୍ଷକ କ୍ଷିତିଶ ଚନ୍ଦ୍ର ଦାଶ ଗୀତା ଓ ଅଧ୍ୟାପକ ଦୟାନିଧି ପଣ୍ଡା ଭାଗବତ ପାଠ କରିଥିଲେ। ପରେ ସମସ୍ତେ ନୀରବ ପ୍ରାର୍ଥନା କରିଥିଲେ। ଛାତ୍ରଛାତ୍ରୀ, ପରିବାରବର୍ଗ ସହକର୍ମୀ ଓ ତାଙ୍କ ଗୁଣଗ୍ରାହୀଙ୍କ ଦ୍ୱାରା ଲିଖିତ "ଅଶ୍ରୁଳ ଶ୍ରଦ୍ଧାଞ୍ଜଳି' ଉନ୍ମୋଚିତ ହୋଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନିଜର ଭାବାଞ୍ଜଳି ଦେଇ ଅତିଥିମାନେ କହିଥିଲେ ଯେ, ପ୍ରଚଣ୍ଡ ସମୟାନୁବର୍ତ୍ତି, କର୍ତ୍ତବ୍ୟପରାୟଣା, ନୀତିନିଷ୍ଠ, ସ୍ୱଚ୍ଛତା ବଜାୟ ରଖୁଥିବା ଅନ୍ନଦା ଗୁରୁମା ଏକାଧାରାରେ ଛାତ୍ରବତ୍ସଳା, ଦରୋଦୀ ପରୋପକାରିଣୀ ଥିଲେ। ତାଙ୍କର ସ୍ୱତନ୍ତ୍ର ବିଦ୍ୟାଦାନ ଶୈଳୀ ଓ ଦିଗ୍‌ଦର୍ଶନ ପାଇଁ ପ୍ରତିବର୍ଷ ତୃତୀୟ, ପଞ୍ଚମ ଓ ସପ୍ତମ ଶ୍ରେଣୀରେ ପିଲାମାନେ ବୃତ୍ତି ପାଉଥିଲେ। ଜୀବନକାଳ ମଧ୍ୟରେ ବରେଣା, କାଠୁଆ ଆରେଡି ୟୁଜିମ୍‌ଇ ବିଦ୍ୟାଳୟ ଓ ପୁରୀସ୍ଥିତ ଏଲଆଇସି କଲୋନୀ ୟୁଜିମଇ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ରହିଥିଲେ। ଶହ ଶହ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ହୃଦୟ ଜିତି ବଡଗୁରୁମା ନାମରେ ଅଭିହିତ ଥିଲେ। ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ପାଠପଢ଼ାରେ ସାହାଯ୍ୟ କରୁଥିଲ। ରାମକୃଷ୍ଣ ମିଶନ ଓ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ସହ ଜଡିତ ଥିଲେ। ଶୋକାଞ୍ଜଳି ସଭାକୁ ସଞ୍ଚାଳନ କରିଥିଲେ ବରିଷ୍ଠ ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ଓ ସହଯୋଗ କରିଥିଲେ ପୂଜ୍ୟପୂଜା ସମିତିର ସଦସ୍ୟ ଉମେଶ ଦାସ ପ୍ରମୁଖ।

ବିପଦରେ ଅଲିଭରିଡ୍‌ଲେ

# କଟକଣାକୁ ବେଖାତିର; ବେଳାଭୂମିରେ ମଲା କଇଁଛ



ପୁରୀ,୨୬।୧୨(ସମିସ): ବିପଦରେ ଅଲିଭରିଡ୍‌ଲେ। ପ୍ରାୟ ପ୍ରତିଦିନ ପୁରୀ ଉପକୂଳରେ ମଲା କଇଁଛ ଦେଖାଯିବା ଏହି ଉକ୍ତିର ସତ୍ୟତାକୁ ପ୍ରତିପାଦନ କରୁଛି। କିଛିଦିନ ହେବ ବେଲେଶ୍ୱର ବେଳାଭୂମିରୁ ନୂଆନଈ ମଧ୍ୟରେ ବିଭିନ୍ନ ସ୍ଥାନରେ ଅଲିଭରିଡ୍‌ଲେ ଲାଗୁଛନ୍ତି। ଗୋଟିଏ କିମ୍ବା ଦୁଇଟି ନୁହେଁ ଏକାଧିକ ମଲା କଇଁଛ ଲାଗୁଥିବାରୁ ଏହାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ପ୍ରକୃତିପ୍ରେମୀ। ଯେଉଁ ଉଦ୍ଦେଶ୍ୟ ନେଇ ମାଛଧରା ଉପରେ କଟକଣା ଲଗାଯାଇଛି ତାହା କେବଳ ପ୍ରହସନ ପାଲଟିଛି ବୋଲି ଅନେକ କହିଛନ୍ତି।

ପୁରୀ ଜିଲ୍ଲାରେ ଚିଲିକା ମୁହାଣଠାରୁ ଦେବୀ ମୁହାଣ ପର୍ଯ୍ୟନ୍ତ ବେଳାଭୂମି ରହିଛି। ଅଲିଭରିଡ୍‌ଲେଙ୍କ ବଂଶବୃଦ୍ଧି ଲାଗି ଏବେ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି। କିନ୍ତୁ ନୋ ଫିସିଙ୍ଗ ଜୋନ ଘୋଷଣା କରାଯାଇଥିବା ଅଞ୍ଚଳରେ ମାଳ ମାଳ ଟ୍ରଲର ଚକ୍କର କାଟୁଛନ୍ତି। ଫଳରେ ପ୍ରଜନନ ପାଇଁ ଉପକୂଳମୁହାଁ ହେଉଥିବା କଇଁଛ ଟ୍ରଲର ଚଳାଚଳ ଯୋଗୁ ବିପଦରେ ପଡୁଛନ୍ତି। ଏମିତି କି ଟ୍ରଲର ମାଡରେ ବହୁ ସଂଖ୍ୟାରେ କଇଁଛ ମରି ବେଳାଭୂମିରେ ଲାଗୁଥିବା ଦେଖିବାକୁ ମିଳୁଛି। ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡାକଡି କରାଯାଉ ନ ଥିବାରୁ ଟ୍ରଲରଗୁଡ଼ିକ ମନୋମୁଖୀ ଭାବେ ନିଷିଦ୍ଧାଞ୍ଚଳରେ ପଶି ଅନାୟସରେ ମାଛ ମାରୁଛନ୍ତି। ଅନେକ ସମୟରେ ଜାଲରେ ପଡି ଅକାଳରେ କଇଁଛଙ୍କ ମୃତ୍ୟୁ ହେଉଛି। ସବୁଠୁ ସାଂଘାତିକ ହେଉଛି ଫାଶୀ ଜାଲର ବ୍ୟବହାର। ଏଥିରେ କଇଁଛଟିଏ ପଡିବା ମାତ୍ରେ ମୁକୁଳିବା ଆଶା କ୍ଷୀଣ। ତେଣୁ ମତ୍ସ୍ୟଜୀବୀମାନେ ଏହାକୁ ମାରି ଦେଉଥିବା ଅଭିଯୋଗ ହେଉଛି। ତେଣୁ ବିଭିନ୍ନ ସମୟରେ ବେଳାଭୂମିରେ ମୃତ କଇଁଛ ଲାଗୁଥିବା ନଜିର ରହିଛି।

ଏ ସମ୍ପର୍କରେ ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଗୁରୁବାର ବେଲେଶ୍ୱରରୁ ନୂଆନଈ ବେଳାଭୂମିରେ ୩ଟି ମଲା କଇଁଛ ଦେଖିବାକୁ ମିଳିଥିଲା। ପ୍ରାୟ ପ୍ରତିଦିନ ୨/୩ଟି ମଲା କଇଁଛ ଏହି ବେଳାଭୂମିରେ ଲାଗୁଛନ୍ତି। ବନ ବିଭାଗ କର୍ମଚାରୀଙ୍କ ନଜରରେ ପଡୁଥିବା ମଲା କଇଁଛ ପୋତାଯାଉଛି। ନଚେତ୍ ବେଳାଭୂମିରେ ସେମିତି ପଡି ରହୁଛି। ସେହିପରି ବେଲେଶ୍ୱରରୁ ରାମଚଣ୍ଡୀ ଆଡକୁ କୁଶଭଦ୍ରା ନଦୀ ସଂଲଗ୍ନ ବେଳାଭୂମିରେ ମଧ୍ୟ ପ୍ରତ୍ୟେକ ଦିନ ୩/୪ଟି ମଲା କଇଁଛ ଲାଗୁଛନ୍ତି। ଦାୟିତ୍ୱରେ ଥିବା କର୍ମଚାରୀ କଇଁଛଙ୍କ ମୃତ୍ୟୁର ତଥ୍ୟ ଅଧିକାରୀଙ୍କୁ ଦେଉଛନ୍ତି ନା ନାହିଁ ସେଥିରେ ସ୍ପଷ୍ଟତା ଆସିବା ଦରକାର। ମୃତ୍ୟୁର କାରଣ କ'ଣ ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। କେବଳ ଏହି ବେଳାଭୂମି ନୁହେଁ, ପୁରୀ ଉପକୂଳରେ ପ୍ରାୟ ପ୍ରତିଦିନ ମଲା କଇଁଛ ଲାଗୁଛନ୍ତି ବୋଲି କହିଛନ୍ତି ଶ୍ରୀ ମହାନ୍ତି।

ଅନ୍ୟପକ୍ଷରେ କଇଁଛଙ୍କ ମୃତ୍ୟୁକୁ ନେଇ ବିଭାଗକୁ ଦାୟୀ କରିଛନ୍ତି ପରିବେଶବିତ୍। ପାଟ୍ରୋଲିଂ କଡାକଡି କରାଯାଉ ନ ଥିବାରୁ ନିଷିଦ୍ଧାଞ୍ଚଳରେ ମାଳ ମାଳ ଟ୍ରଲର ବୁଲୁଛନ୍ତି। ମାଛ ଧରିବା ପାଇଁ ବ୍ୟବହାର ହେଉଥିବା ଫାଶୀ ଜାଲରେ କଇଁଛ ପଡିଲେ ଲାଖି ରହିଯାନ୍ତି। ମତ୍ସ୍ୟଜୀବୀମାନେ ଜାଲ ଉଠାଇବା ପରେ ଜାଲକୁ ସୁରକ୍ଷିତ ରଖିବା ପାଇଁ କଇଁଛଙ୍କୁ ମାରି ଦେଇଥାନ୍ତି, ଯାହାର ଫଳସ୍ୱରୂପ ବେଳାଭୂମିରେ ମଲା କଇଁଛ ଲାଗିଥିବା ଅନୁମାନ କରାଯାଉଛି। ନିକଟରେ ବି ବନ ବିଭାଗ ପାଟ୍ରୋଲିଂରେ ଧରିଥିବା ଟ୍ରଲରରୁ ମଲା କଇଁଛ ଜବତ କରାଯାଇଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିଷିଦ୍ଧାଞ୍ଚଳରେ ବହୁ ଟ୍ରଲର ବେଆଇନ ଭାବେ ମାଛ ମାରୁଛନ୍ତି। କାଁ ଭାଁ କେବେ କେମିତି ଚଢାଉ ଯୋଗୁ ଧରାପଡୁଥିବା ଟ୍ରଲର ଉପରେ ଯାହା ଜରିମାନା ହେଉଛି ତାହା ନ କହିବା ଭଲ। ଫଳରେ ଜରିମାନାକୁ ଭ୍ରୂକ୍ଷେପ ନ କରି ମାଛ ଧରୁଛନ୍ତି ଟ୍ରଲର। ଫଳରେ ଓଡ଼ିଶା ଉପକୂଳକୁ ସୁରକ୍ଷିତ ମନେ କରି ଅଣ୍ଡାଦାନ ଏବଂ ପ୍ରଜନନ ପାଇଁ ଆସୁଥିବା ନୀରିହ ଅଲିଭରିଡ୍‌ଲେ ଏଠାରେ ମୃତ୍ୟୁର ଶିକାର ହେଉଛନ୍ତି ବୋଲି ମତ ରଖିଛନ୍ତି ପରିବେଶବିତ୍।

